ବନ୍ଧୁଙ୍କୁ ସାହାଯ୍ୟ କରି ଫସିଲେ

# ୩ ବ୍ୟବସାୟୀଙ୍କଠାରୁ ଠକି ନେଲେ ୪୨ଲକ୍ଷ

## ଫେରାର ରାଜେଶ ନାଁରେ ୪ଟି ଠକେଇ ମାମଲା ରୁଜୁ

ବ୍ରହ୍ମପୁର,୨୫ ।୭ (ସମିସ)

ଗୋଷାଣିନୂଆଗାଁ ଗଣେଳନଗର ନିବାସୀ ସିଏଚ୍ ରାଜେଶ କୁମାର ସୁବୁଦ୍ଧିଙ୍କ ନାଁରେ ବଢ଼ିବାରେ ଲାଗିଛି ଠକେଇ ମାମଲା ସଂଖ୍ୟା । ରାଜେଶ ସୁବୁଦ୍ଧିଙ୍କୁ ସାହାଯ୍ୟ କରି ୪୨ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି ତାଙ୍କର ୩ଜଣ ବ୍ୟବସାୟୀ ବନ୍ଧୁ । ସେମାନେ ହେଲେ କ୍ରୀଷ୍ଟାପେଟା ସାହିର ପ୍ରଶାନ୍ତ କୁମାର ଦାସ, ପଞ୍ଚୁଦେଉଳ ସାହିର କିଶୋର ପାତ୍ର ଓ ପ୍ରେମନଗର ୭ମ ଲାଇନର ଏମ୍. କ୍ରୀଷ୍ଟା ପ୍ରିୟା ।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ପ୍ରଶାନ୍ତ, କିଶୋର, କ୍ରିଷ୍ଟାପ୍ରିୟା ଏବଂ ରାଜେଶଙ୍କ ମଧ୍ୟରେ ଦୀର୍ଘଦିନ ଧରି ସମ୍ପର୍କ ରହିଥିଲା । ଯାହାର ସୁଯୋଗ ନେଇ ରାଜେଶ ନିଜର ବନ୍ଧୁମାନଙ୍କ ଠାରୁ ବିଭିନ୍ନ ଆଳରେ ଟଙ୍କା ଧାର ନେଇଥିଲା । ଗତ ଫେବୃୟାରୀ ପ୍ରଥମ ସପ୍ତାହରେ କିଶୋର ନିଜ ବନ୍ଧୁ ରାଜେଶଙ୍କୁ ସାହାର୍ଯ୍ୟ କରିବାକୁ ଯାଇ ୨୫ଲକ୍ଷ ଟଙ୍କା ଦେଇଥିଲେ । ଟଙ୍କା ନେବାବେଳେ କିଶୋରଙ୍କୁ ରାଜେଶ ଏକ ଚେକ୍ ଦେବା ସହ ଶୀଘ୍ର ଟଙ୍କା ଫେରସ୍ତ କରିବେ ବୋଲି କହିଥିଲେ । ତେବେ ଟଙ୍କା ନଫେରାଇବାରୁ ରାଜେଶ ଦେଇଥିବା ଚେକକୁ ନେଇ କିଶୋର ବ୍ୟାଙ୍କରେ ଜମା କରିବା ପରେ ବାଉନ୍ସ ହୋଇଯାଇଥିଲା । କିଶୋର ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ରାଜେଶ ଅନୁରୂପ ଭାବେ ପ୍ରଶାନ୍ତଙ୍କ ଠାରୁ ୧୨ଲକ୍ଷ ଓ କ୍ରୀଷ୍ଟାପ୍ରିୟାଙ୍କ ଠାରୁ ୫ଲକ୍ଷ ଠକି ନେଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି । ପୁଲିସ ୩ଟି ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି । ପ୍ରକାଶ ଥାଉ କି, ଗୋଷାଣିନୂଆଗାଁ ମାଣ୍ଡିଆପଦର ସାହିର ସୁନିଲ କୁମାର ପାଣିଗ୍ରାହୀଙ୍କ ଠାରୁ ରାଜେଶ ୧୮ଲକ୍ଷ ଟଙ୍କା ଠକି ଥିବା ନେଇ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା । ଫଳରେ ବର୍ତ୍ତମାନ ସୁଦ୍ଧା ରାଜେଶଙ୍କ ନାମରେ ବଡବଜାର ଥାନାରେ ୩ଟି ଓ ଗୋଷାଣିନୂଆଗାଁ ଥାନାରେ ଗୋଟିଏ ଏହିଭଳି ମୋଟ ୪ଟି ମାମଲା ରୁଜୁ ହୋଇସାରିଛି । ରାଜେଶକୁ ଧରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି ।




ଫେସ୍‌ବୁକ୍ ବିଜ୍ଞାପନ ଦେଖି ଫସିଲେ ବ୍ୟବସାୟୀ

# ସାଇବର୍ ଠକ ନେଇଗଲେ ୩୦ ହଜାର

ବ୍ରହ୍ମପୁର,୨୫ ।୭ (ସମିସ): ବ୍ରହ୍ମପୁର ସହରର ଜଣେ ଚକୋଲେଟ୍ ବ୍ୟବସାୟୀ ସାଇବର ଠକେଇର ଶିକାର ହୋଇଛନ୍ତି । ଫେସ୍‌ବୁକରେ ବାହାର ରାଜ୍ୟର ଜଣେ ହୋଲସେଲ୍ ଚକୋଲେଟ ବ୍ୟବସାୟୀଙ୍କ ସହ ଯୋଗାଯୋଗରେ ଆସିବା ପରେ ସେ ଠକେଇର ଶିକାର ହୋଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନାପ୍ରକାରେ, ଆସିକାରୋଡ ସ୍ଥିତ ରାଜାସାହିର ଅକ୍ଷୟ କୁମାର ମହାପାତ୍ରଙ୍କ ବଡ଼ବଜାର ଥାନା ଅଞ୍ଚଳରେ ଶ୍ରୀ ମା ଗଜଲକ୍ଷ୍ମୀ ଏଜେନ୍ସି ନାମରେ ଏକ ଚକୋଲେଟ୍ ହୋଲସେଲ ବ୍ୟବସାୟ ରହିଛି । ଜୁନ୍ ୧୫ରେ ସେ ଫେସବୁକରେ ଚକୋଲେଟ୍, ଜେଲି ଓ ମିଠା ବ୍ୟବସାୟର ଡିଲରସିପ୍‌କୁ ନେଇ ଏକ ଅଫର ସମ୍ପର୍କିତ ବିଜ୍ଞାପନ ଦେଖିଥିଲେ । ଅଧିକ ଜାଣିବା ପାଇଁ ଦିଆଯାଇଥିବା ଫୋନ୍ ନମ୍ବରରେ ସେ ଯୋଗାଯୋଗ କରିଲେ । ଯୋଗାଯୋଗ ବେଳେ ନରେଶ ଗୁପ୍ତା ନାମକ ଜଣେ ବ୍ୟକ୍ତି ଫୋନ ଉଠାଇ ଉପରୋକ୍ତ ଜେଲି ଏବଂ ଚକୋଲେଟ ସାମଗ୍ରୀର ହୋଲସେଲ ବ୍ୟବସାୟୀ ବୋଲି ନିଜକୁ ପରିଚୟ ଦେଇଥିଲା । ନରେଶଙ୍କ ଦ୍ୱାରା ଫେସବୁକରେ ପୋଷ୍ଟ କରାଯାଇଥିବା ଜେଲି ଓ ଚକୋଲେଟର ବିଭିନ୍ନ କ୍ୟାଟଲଗ ଦେଖି ଅକ୍ଷୟ ତାଙ୍କ କଥାରେ ବିଶ୍ୱାସ କରି କିଛି ସାମଗ୍ରୀ ଅର୍ଡର କରିଥିଲେ । ଏଥିପାଇଁ ସେ ଅଗ୍ରୀମ ଭାବେ ୩୦ହଜାର ଟଙ୍କା ନରେଶ ଗୁପ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥଲେ । ହେଲେ ଟଙ୍କା ପାଇବା ପରେ ନରେଶ ଗୁପ୍ତା କୌଣସି ସାମଗ୍ରୀ ପଠାଇନଥିଲେ । ଏପରିକି ଅକ୍ଷୟଙ୍କ ଫୋନ ମଧ୍ୟ ଗ୍ରହଣ କରିନଥିଲେ । ବାରମ୍ବାର ଯୋଗାଯୋଗ ପରେ ସେ କୌଣସି ଉତ୍ତର ନମିଳିବାରୁ ସାଇବାର ଠକେଇର ଶିକାର ହୋଇଥିବା ସନ୍ଦେହ କରି ଜାତୀୟ ସାଇବର ଅପରାଧ ପୋର୍ଟାଲ ୧୯୩୦ରେ ଅଭିଯୋଗ କରିଥିଲେ । ଏହାପରେ ସାଇବର ଥାନାକୁ ଯାଇ ଉକ୍ତ ଆକାଉଣ୍ଟକୁ ଫ୍ରିଜ କରିବାକୁ ନିବେଦନ କରିଥିଲେ । ସାଇବାର ଥାନା ପକ୍ଷରୁ ଉକ୍ତ ଘଟଣାକୁ ନେଇ ନିକଟସ୍ଥ ଥାନାରେ ଅଭିଯୋଗ କରିବାକୁ ତାଙ୍କୁ କୁହାଯିବା ପରେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ ।

# ୧୮ ଜୁଆଡ଼ି ଗିରଫ; ୪ଲକ୍ଷ ଟଙ୍କା, କାର ଜବତ



ଜଗନ୍ନାଥପ୍ରସାଦ,୨୫ ।୭ (ସମିସ): ଜଗନ୍ନାଥପ୍ରସାଦ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସଦଳବଳ ଗୁରୁବାର ରାତିରେ ଏକ ଜୁଆଆଡ୍ଡା ଉପରେ ଚଢ଼ଉ କରିଛନ୍ତି । ଏଠାରେ ଜୁଆଆଡ୍ଡା ଚାଲୁଥିବା ନେଇ ଭଞ୍ଜନଗର ପୁଲିସ ଉପଖଣ୍ଡ ଅଧିକାରୀ ଡ଼. ଦୀପକ କୁମାର ମିଶ୍ରଙ୍କୁ ଅବଗତ କରାଯାଇଥିଲା । ତାଙ୍କ ନିର୍ଦ୍ଦେଶକ୍ରମେ ଗତକାଲି ମଧ୍ୟ ରାତ୍ରରେ ଚଢ଼ଉ କରାଯାଇ ଘଟଣା ସ୍ଥଳରୁ ୪ଲକ୍ଷ ୪ହଜାର ୩୪୦ଟଙ୍କା ସହ ୫ବାଇକ, ଗୋଟିଏ ସ୍କର୍ପିଓ, ଗୋଟିଏ ଇକୋ କାର, ୧୮ଟି ମୋବାଇଲ, ୧୩ମୁଠା ତାସ ଜବତ ସହ ୧୮ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିଲା । ମୁଖ୍ୟ ଅଭିଯୁକ୍ତ ଝାଡ଼ଭୂମି ପଞ୍ଚାୟତ ସମିତିସଭ୍ୟ ତଥା ମହୁଲପଲ୍ଲୀ ଗ୍ରାମର ଅନୁପ ଭୂୟାଁ ସମେତ ବୁଗୁଡ଼ା ଗ୍ରାମ ପଦ୍ମଚରଣ ଦାସ, ସୂର୍ଯ୍ୟ ବେହେରା, ଆନନ୍ଦ ପାତ୍ର, ରାଜେନ୍ଦ୍ର ପ୍ରଧାନ, ବେତାରସିଂ ଗ୍ରାମର ବାବାଜୀ ବିଶୋଇ, ମନୋଜ କୁମାର ଦାସ, ରବି ଦଳେଇ, କଲ୍ୟାଣୀପୁର ବସନ୍ତ ଦୁଆରୀ, କରସିଙ୍ଗ ଗ୍ରାମ ରିଙ୍କୁ ବାରିକ, ପୋଲସରା ବ୍ଲକ ସୋଦକ ଗ୍ରାମର ଶଙ୍କର ସାହୁ, ସାଲୁ ପ୍ରଧାନ, ଆଲୋକ ସାହୁ, ରକି ବିଶ୍ୱାଳ, ତୁଙ୍ଗାପଡା ଗ୍ରାମ ଚନ୍ଦ୍ରଶେଖର ଗୌଡ଼, ବେଲଗୁଣ୍ଠା ବ୍ଲକ ନେଟେଙ୍ଗା ଗ୍ରାମର ବାପି ଲେଙ୍କା, ଏହି ବ୍ଲକ ପଟ୍ଟାଧାର ଗ୍ରାମର ବିପ୍ର ଚରଣ ବେହେରା, ସୋରିଷମୁଳି ଗ୍ରାମର ଅନ୍ତାପ କୁମାର ସ୍ୱାଇଁଙ୍କ ନାମରେ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

# ଯୁବକ ମହାସଂଘର ଚାରାରୋପଣ



ପାତ୍ରପୁର,୨୫ ।୭ (ସମିସ): କଳିଙ୍ଗ ବୈଶ୍ୟ ଯୁବକ ସଂଘ ପକ୍ଷରୁ ଶୁକ୍ରବାର ପାତ୍ରପୁର ଜଗଦୀଶ୍ୱର ମନ୍ଦିର ପରିସରରେ ଚାରାରୋପଣ କରାଯାଇଛି । ପାତ୍ରପୁର ଶାଖା ସଭାପତି ଟି. ଶ୍ୟାମସୁନ୍ଦର ସୁବୁଦ୍ଧିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରାଜ୍ୟ ମହାସଂଘ ଉପସଭାପତି ନାରାୟଣସିନ୍ତି ସତ୍ୟକାନ୍ତ ପାତ୍ର, ସମ୍ପାଦକ ଟି. ବିନାୟକ ପ୍ରସାଦ, କୋଷାଧ୍ୟକ୍ଷ ୟୁ. ହରି ପ୍ରସାଦ ପାତ୍ର, ଖେମୁଣ୍ଡି ଅଞ୍ଚଳ ସଭାପତି ପି. ଗୋପିନାଥ ସୁବୁଦ୍ଧି, ସମ୍ପାଦକ ପି. ରାମକୃଷ୍ଣ ପାତ୍ର ପ୍ରମୁଖ ଯୋଗ ଦେଇ ଥିଲେ । ସାମାଜିକ କାର୍ଯ୍ୟ ପ୍ରତି ଆଗାମୀ ଦିନରେ ସଂଘ କିପରି କାର୍ଯ୍ୟ କରିବ ସେନେଇ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମକୁ ପାତ୍ରପୁର ଶାଖା ସମ୍ପାଦକ ଏଲ୍. ଲିଥୁନ୍ ପାତ୍ର, କୋଷାଧ୍ୟକ୍ଷ ଏଲ. ସୁରେଶପାତ୍ର, ଟି. ସୁମନସୁବିଦ୍ଧି, ଏମ୍. ସାଇପାତ୍ର, ପି. ଅଲେଖସୁବୁଦ୍ଧି, କେ. ମିଥୁନ ସୁବୁଦ୍ଧି, କେ. ରାମାରାଓ ସୁବୁଦ୍ଧି ପ୍ରମୁଖଙ୍କ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ସୈନିକ ଭାଇଙ୍କ ପାଇଁ ରାକ୍ଷୀଟିଏ କାର୍ଯ୍ୟକ୍ରମ



ବୁଗୁଡା,୨୫ ।୭ (ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଆନୁକୁଲ୍ୟରେ ଶ୍ରୀକର ଭଞ୍ଜ ଓପନ ୟୁନିଟ୍ ପକ୍ଷରୁ ସୈନିକ ଭାଇଙ୍କ ପାଇଁ ରାକ୍ଷୀଟିଏ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଛାତ୍ରୀମାନଙ୍କ ପକ୍ଷରୁ ସୈନିକ ଭାଇମାନଙ୍କ ପାଇଁ ରାକ୍ଷୀ ପଠାଇବା ବ୍ୟବସ୍ଥା ହୋଇଛି । ଛାତ୍ରୀମାନେ ନିଜ ହାତରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରାକ୍ଷୀ ତିଆରି ସହିତ ଧାନ, ଚାଉଳ, ଧନିଆ ଭଳି ବିଭିନ୍ନ ସାମଗ୍ରୀରେ ରାକ୍ଷୀ ତିଆରି କରି ଆଜି ସକାଳ ସମୟରେ ବୁଗୁଡା ଶ୍ରୀ ବଳଦେବଜୀଉ ମନ୍ଦିରକୁ ଯାଇ ସୈନିକ ଭାଇମାନଙ୍କ ଦୀର୍ଘାୟୁ କାମନା କରି ରାକ୍ଷୀଗୁଡ଼ିକୁ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଡାକରେ ରାକ୍ଷୀଗୁଡିକ ସୈନିକ କାର୍ଯ୍ୟାଳୟକୁ ପଠାଯିବ । ସେଠାରେ ରାକ୍ଷୀପୂର୍ଣ୍ଣିମା ଦିନ ସୈନିକ ଭାଇମାନେ ସେହି ରାକ୍ଷୀ ପିନ୍ଧିବେ । ଶ୍ରୀକର ଭଞ୍ଜ ଓପନ୍ ୟୁନିଟର ଲିନା କୁମାରୀ ଗୌଡ଼, ପୁଷ୍ପା ପାତ୍ର, ରଚନା ମୂଳି, ରଶ୍ମିତା ଗୌଡ଼, ଝରଣା ବେହେରା, ସ୍ମୃତିମୟୀ ସାହୁ, ଲିଜାରାଣୀ ଗୌଡ଼, ବର୍ଷାରାଣୀ ମହାରଣା ପ୍ରମୁଖ ଭଉଣୀମାନେ ରାକ୍ଷୀ ପ୍ରସ୍ତୁତି, ପୂଜନ ଓ ପ୍ରେରଣ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ସେମାନଙ୍କ ଏତାଦୃଶ କାର୍ଯ୍ୟ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛି ।



ଶେରଗଡ଼ ସୁନାନ୍ତରରେ ବୋମା ଓ ଗୁଳିମାଡ଼ ପରେ ପୁଲିସର ତଦନ୍ତ (ଇନ୍‌ସର୍ଟ-ଗୁଳିମାଡ଼ରେ ଆହତ କାଳିଆ)

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ; ଯୁବକ ଗିରଫ

ବ୍ରହ୍ମପୁର,୨୫ ।୭ (ସମିସ): ଜନୈକା ସ୍କୁଲ ଛାତ୍ରୀଙ୍କୁ ଅସଦାଚାରଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି ପେଣ୍ଠର ତୁଫାନ ପଣ୍ଡା(୨୫) । ତୁଫାନ ଗୋଷାଣୀନୂଆଗାଁରେ ଥିବା ଏକ ଗ୍ୟାସ କମ୍ପାନୀରେ କାମ କରୁଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ଗତ ୨୨ତାରିଖରେ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ସାଇକଲରେ ସ୍କୁଲ ଯାଉଥିବାବେଳେ ତୁଫାନ ରାସ୍ତା ମଝିରେ ଅଟକାଇ ଟଣାଓଟରା ସହ ଅସଦାଚାରଣ କରିଥିଲେ । ପରେ ପୀଡ଼ିତା ଛାତ୍ରୀ ଜଣଙ୍କ ଏନେଇ ତାଙ୍କ ଘର ଲୋକଙ୍କୁ ଜଣାଇବାରୁ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ତୁଫାନକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ତାରାତାରିଣୀ ପୀଠରେ ମିଳିବ ସ୍ୱଳ୍ପ ମୂଲ୍ୟରେ ପ୍ରସାଦ

ପୁରୁଷୋତ୍ତମପୁର,୨୫ ।୭ (ସମିସ): ଦକ୍ଷିଣ ଓଡ଼ିଶାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ପୀଠରେ ଭକ୍ତମାନଙ୍କୁ ପ୍ରତ୍ୟେକ ଦିନ ସ୍ୱଳ୍ପ ମୂଲ୍ୟରେ ମିଳିବ ପ୍ରସାଦ । ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଶୁକ୍ରବାର ତାରାତାରିଣୀଙ୍କ ପୀଠରେ ଛତ୍ରପୁର ଉପଜିଲ୍ଲାପାଳ ଡଃ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ହୋଇଥିଲା । ଏଥିରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦକୁମାର ବେହେରା, ବିଡିଓ ଶରତକୁମାର ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସେନା, ଥାନା ଅଧିକାରୀ ରାଜେଶ କୁମାର ନାୟକ, ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡି, ପୂର୍ତ୍ତ ବିଭାଗୀୟ ସହକାରୀଯନ୍ତ୍ରୀ ସୁରେଶ ମିଶ୍ର, ମନ୍ଦିର ଉନ୍ନୟନ କମିଟି ସଂପାଦକ ପ୍ରମୋଦ କୁମାର ପଣ୍ଡା, ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ବିଦ୍ୟୁତ ବିଭାଗର ଉପଖଣ୍ଡ ଅଧିକାରୀ ତୁଷାରକାନ୍ତ ରାଉତଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଓ ତପନ କୁମାର ରଣା, ବାପୁଜୀ ରଣା, କୃଷ୍ଣଚନ୍ଦ୍ର ରଣା, ଦେବେନ୍ଦ୍ର ରଣାଙ୍କ ସମେତ ସମସ୍ତ ସେବାୟତମାନେ ଉପସ୍ଥିତ ଥିଲେ । ଏଠାରେ ସରକାରଙ୍କ ପକ୍ଷରୁ ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯାଇଥିବା ଅତ୍ୟାଧୁନିକ ଶୈଳୀର ସ୍ୱୟଂଚାଳିତ ରନ୍ଧନ ମେସିନ ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତ ହେବ । ଏଥିରେ ୩୦ ମିନିଟ୍‌ରେ ସର୍ବାଧିକ ୧୫ହଜାର ଲୋକଙ୍କ ଲାଗି ରୋଷେଇ ହୋଇପାରିବ । ମନ୍ଦିରକୁ ଆସୁଥିବା ଭକ୍ତଙ୍କ ଲାଗି ଦୈନିକ ୧୫ ହଜାର ବ୍ୟକ୍ତିଙ୍କ ଲାଗି ରନ୍ଧା ଖାଦ୍ୟ ପ୍ରସାଦର ବ୍ୟବସ୍ଥା ରହିଥିବାବେଳେ ଭକ୍ତଙ୍କ ଭିଡ ଓ ଆବଶ୍ୟକତାକୁ ଦେଖି ରନ୍ଧାର ପରିମାଣ ବୃଦ୍ଧି କରାଯିବ । ଅନ୍ନ, ଡାଲି, ଘାଣ୍ଟତରକାରୀ, ଖଟା, ଚଣାତଡ଼କା ଓ ଖିରି ସୁଲଭ ମୂଲ୍ୟରେ ଭକ୍ତଙ୍କୁ ଦିଆଯିବ । ଏନେଇ ଏକ ରୋଷେୟା କମିଟି ଗଠନ କରାଯିବ । ଏହାର ଦାୟିତ୍ୱ ସେବାୟତମାନଙ୍କୁ ଦିଆଯିବ । ପ୍ରସାଦ ବିକ୍ରିର କିଛି ଅର୍ଥ ମନ୍ଦିର ଫଣ୍ଡକୁ ଦିଆଯିବ । ଏହାସହ ଚୈତ୍ର ଯାତ୍ରା ସମୟରେ ଲକ୍ଷାଧିକ ଭକ୍ତ ଜମା ହେଉଥିବା ବେଳେ ସେଥିଲାଗି ମଧ୍ୟ ପ୍ରସାଦ ଯୋଗାଇଦେବାର ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିବାର ଉପଜିଲ୍ଲାପାଳ କହିଛନ୍ତି । ଏହି କାର୍ଯ୍ୟକ୍ରମ ଏକ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଯୋଜନା ରହିଥିବାର ସେ କହିଛନ୍ତି ।



# ଦୋଷ କଲା ପୁଅ, ଦଶା ଭୋଗୁଛି ପରିବାର

ଗଞ୍ଜାମ,୨୫ ।୭ (ସମିସ): ପୁଅ ଦୋଷ କରିଲା କିନ୍ତୁ ଦଶା ଭୋଗୁଛନ୍ତି ପରିବାର ଲୋକ । ଗାଁ କମଟି ସାମାଜିକ ବାସନ୍ଦ କରିବା ସହ ମାନସିକ ଯନ୍ତ୍ରଣା ଦେଉଥିବା ଅଭିଯୋଗ ହୋଇଛି । ଶେଷରେ ନ୍ୟାୟ ପାଇବା ପାଇଁ ଥାନାରେ ଦ୍ୱାରସ୍ଥ ହେଲେ ପରିବାର ସଦସ୍ୟ । ଏଭଳି ଘଟଣା ରମ୍ଭା ଥାନା ଅଧିନ ପ୍ରୟାଗି ଗ୍ରାମରେ ଦେଖିବାକୁ ମିଳିଛି । ଏପରିକି ମା'ର ମୃତ୍ୟୁ ପରେ ଗାଁରେ ତାଙ୍କ ଶେଷକୃତ୍ୟ ଗ୍ରାମରେ ହୋଇପାରଲା ନାହିଁ ପୁରୀରେ କରାଗଲା ବୋଲି ଅଭିଯୋଗ ହୋଇଛି । ଏନେଇ କାମରାଜୁ ତରେଇ ରମ୍ଭା ଥାନାରେ ଚଳିତ ମାସ ୧୭ ତାରିଖରେ ଗାଁ କମିଟି ସଭାପତିଙ୍କ ସମେତ କିଛି ବ୍ୟକ୍ତିଙ୍କ ନାମରେ ଏତଲା ଦେଇଥିଲେ । କାମରାଜୁଙ୍କ କହିବା ମୁତାବକ ଚଳିତ ମାସ ୭ ତାରିଖରେ ମୋର ମା'ଙ୍କ ଦେହାନ୍ତ ହୋଇଥିଲା । କିନ୍ତୁ ତାର ଶେଷକୃତ ଗ୍ରାମରେ କରିପାରିଲି ନାହିଁ ଶେଷରେ ବାଧ ହୋଇ ପୁରୀରେ କରିବା ସହ ସେଠାରେ ସମସ୍ତ କାର୍ଯ୍ୟ କରିଲି । ଏପରିକି ବ୍ରାହ୍ମଣ ଓ ଭଣ୍ଡାରି କାର୍ଯ୍ୟରେ ନରହିବା ପାଇଁ କହିଥିଲେ । ଏପରିକି ନାନା ପ୍ରାକାରର ମାନସିକ ଯନ୍ତ୍ରଣା ଦିଆଯାଉଛି । ଏପରିକି ମୋ ପୁଅ ସହ ଏକ ଝିଅର ପ୍ରେମ ସମ୍ପର୍କ ଥିବାବେଳେ ଝିଅ ନ୍ୟାୟ ପାଇବାକୁ ଘରକୁ ଆସିଥିଲା । ସେହି ସମୟରେ ମୋ ମା'ର ଦେହ ଗୁରୁତର ଥିଲା । ପୁଅ ଘରକୁ ଆସିଲେ ଏହି ବିଷୟରେ ଆଲୋଚନା କରିବି ବୋଲି କହିଥିଲି । କିନ୍ତୁ ଏହି ସମୟରେ ମଧ୍ୟ କିଛି ଖଳ ପ୍ରକୃତ ଲୋକ ଝିଅକୁ ସେଠି ରହିବାକୁ ବାଧ କରିବା ସହ ସେଠାରେ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଉଛନ୍ତି ଏବଂ ପୁଲିସ କଥାକୁ ନଶୁଣିବାକୁ ମଧ୍ୟ କହୁଥିବା କାମରାଜୁ ଏତଲାରେ ଦର୍ଶାଇଛନ୍ତି । ଗାଁ କମିଟି ପକ୍ଷରୁ ନାନା ନିର୍ଯାତନା, ସାମାଜିକ ବାସନ୍ଦ ଭଳି ଘୃଣ୍ୟ କାମ କରୁଥିବାରୁ ମୁଁ ଆଉ ମୋ ପରିବାର ସମାଜରେ ବଞ୍ଚିବା ଘୋର କଷ୍ଟ ହେଉଛି ବୋଲି କହିଥିଲେ । ଏହାର ତଦନ୍ତ କରି ନ୍ୟାୟ ଦାବି କରିଥିଲେ କାମରାଜୁ । ଏନେଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇଙ୍କୁ ପଚାରିବାରେ ଥାନାରେ ଏତଲା ଦିଆଯାଇଛି ଏବଂ ତଦନ୍ତ ଜାରି ରହିଛି ବୋଲି କହିଥିଲେ । ଏନେଇ ଗାଁ କମିଟି ସଭାପତି ସଦା ଗୌଡଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ ଉଠାଇନଥିଲେ ।

**ନିଆଁପାଣି ବାସନ୍ଦ ପରେ ଭୟଭୀତ ହୋଇ ଥାନାର ଦ୍ୱାରସ୍ଥ**

# ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ଆସିକା,୨୫ ।୭ (ସମିସ): କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ସ୍ୱଚ୍ଛ ସର୍ଭେକ୍ଷଣରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କୃତ ହୋଇଥିବାରୁ ପରିଚାଳନା ପରିଷଦ, କର୍ମଚାରୀ ବିଶେଷ କରି ସଫେଇ କର୍ମଚାରୀଙ୍କୁ ଶୁକ୍ରବାରରେ ସମ୍ବର୍ଦ୍ଧନା ଜଣାଯାଇଛି । ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ୍ କୁମାର ମହାପାତ୍ରଙ୍କ ସଂଯୋଜନାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ବିନେତା ସ୍ୱାଇଁ ପୌରହିତ୍ୟରେ କରିଥିଲେ । ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ବିଶିଷ୍ଟ ବ୍ୟକ୍ତି ସତ୍ୟନାରାୟଣ ସ୍ୱାଇଁ, ୱାର୍ଡ କାଉନସିଲର ପ୍ରମୁଖ ମଞ୍ଚାସିନ ଥିଲେ । ଏହି ସଫଳତା ସମସ୍ତ ସଫେଇ କର୍ମଚାରୀ ଓ ଆସିକା ଜନସାଧାରଣଙ୍କ ବୋଲି ବକ୍ତା ମାନେ ପ୍ରକାଶ କରି ସମସ୍ତ ସଫେଇ କର୍ମଚାରୀ ଆସିକା ସହରକୁ ଆହୁରି ଅଧିକ ସୁନ୍ଦର ଓ ସଫା ରଖିବାକୁ ଉଦ୍ୟମ କରିବାକୁ ଆହ୍ୱାନ କରିଥିଲେ ।

ବିଦ୍ୟାଳୟ ସୁରକ୍ଷା ପରିଷଦର ଆଲୋଚନା ସଭା

# 'ବିଦ୍ୟାଳୟର ଇଞ୍ଚେ ଜମି କାହାକୁ ଛଡ଼ାଯିବନି'

ଦିଗପହଣ୍ଡି,୨୫ ।୪(ସମିସ): ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟାଳୟ ସଂଲଗ୍ନ ରାଜମାତା ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ବିଦ୍ୟାଳୟ ସୁରକ୍ଷା ପରିଷଦ ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ କୈଳାଶ ଷଡ଼ଙ୍ଗୀ, ତପନ କୁମାର ମିଶ୍ର, ଭି. ସୁଦର୍ଶନ ରାଜୁ, ଏ. ହରି, ଏ. ଗଣେଶ, ବି. ଦୀନବନ୍ଧୁ, ସମ୍ଭବ କୁମାର ତ୍ରିପାଠୀ, ସୁନୀଲ କୁମାର ପଣ୍ଡା, ପି. ଶିବ ଶଙ୍କର, ଏମ୍. ତ୍ରିନାଥ, କେ. କୁନା, ଦୀପକ କୁମାର ମିଶ୍ର, କୁରେଶୁ ମହାରଣା, ବିଣାରାଣୀ ପାଢ଼ୀ, ଆଶୁତୋଷ ମିଶ୍ର, ନୀଳମାଧବ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଆଇନଜୀବୀ କୁରେଶୁ ପଣ୍ଡା ପ୍ରଥମେ ରାଜମତା ସ୍କୁଲର ସଂକ୍ଷିପ୍ତ ଇତିହାସ ଆଲୋଚନା କରିଥିଲେ । ଗତ ୧୯୦୭ ଏପ୍ରିଲ ୭ରେ ସ୍ଥାପିତ ଏହି ବିଦ୍ୟାଳୟର ଭୂ-ସମ୍ପତ୍ତି ରାଜପରିବାରର ବୋଲି ଦର୍ଶାଇ ରାଜପୁତ୍ର ସୁଶାନ୍ତ ୨୦୦୬ରେ ହାଇକୋର୍ଟରେ ଏସ୍‌ଓ-୭୨/୦୬ ଅନୁଯାୟୀ ପିଟିସନ ଦାଖଲ କରିଥିଲେ । ୨୦୦୭ ଅଗଷ୍ଟ ୧ରେ ହାଇକୋର୍ଟ ମାମଲାର ଚୂଡ଼ାନ୍ତ ଶୁଣାଣି କରି ସୁଶାନ୍ତଙ୍କ ସପକ୍ଷରେ ରାୟ ପ୍ରଦାନ କରିଥିଲେ । ଏହାକୁ ଭିତ୍ତିକରି ବ୍ରହ୍ମପୁର ଦେୱାନୀ ଅଦାଲତ ମାମଲା ନଂ. ଇ ପି - ୫/୨୦୦୮ ଅନୁଯାୟୀ ବିଦ୍ୟାଳୟ କୋଠା ଓ ସମସ୍ତ ଭୂସମ୍ପତ୍ତିକୁ ଦଖଲ ମୁକ୍ତ କରିବାକୁ ଆଦେଶ ଦେଇଥିଲେ । କୋର୍ଟ ରାୟକୁ ଚ୍ୟାଲେଞ୍ଜ କରି ବିଦ୍ୟାଳୟ ସୁରକ୍ଷା ପରିଷଦ ବ୍ରହ୍ମପୁର ଦେୱାନି ଅଦାଲତରେ ଆରଏଫଏ-୪୩/୧୪ ଅନୁଯାୟୀ ଅପିଲ କରାଯାଇଥିଲା । ଗତ ୧୯୫୩ ଜୁନ ୧ ରେ ଜମିଦାରୀ ଉଚ୍ଛେଦ ପରେ ବିଦ୍ୟାଳୟର ଭୂସମ୍ପତ୍ତି ଖାତା ନଂ.୨୯୫ ଓ ସର୍ଭେ ନଂ.୧୯୪ ସରକାରୀ ରେକର୍ଡ ଭୁକ୍ତ ହୋଇଥିଲା । ଏଥିରେ ତଞ୍ଚକତା କରି ସୁଶାନ୍ତ ୧୯୮୫ରେ ବିଦ୍ୟାଳୟର ସମସ୍ତ କୋଠା ଓ ଜମିକୁ ନିଜର ସମ୍ପତ୍ତି ବୋଲି ଦାବି କରି ଦେୱାନୀ ଅଦାଲତରେ ମକଦ୍ଦମା ରୁଜୁ କରି ଡିଗ୍ରି ହାସଲ କରିଥିଲେ ବୋଲି ବିଦ୍ୟାଳୟ ସୁରକ୍ଷା ପରିଷଦ ଅଭିଯୋଗ କରିଛି ।

ବିଦ୍ୟାଳୟ କୋଠା ଉଚ୍ଛେଦ ବିରୋଧରେ ଥିବା ସମସ୍ତ ନଥିପତ୍ର ଯାହାକି ୧୯୪୮ ଏବଂ ୧୯୫୨ ମସିହାର ଜମି ପଟ୍ଟା, ୟାଦସ୍ତ ରିପୋର୍ଟ ତତ୍କାଳୀନ ରାଜା ରାମଚନ୍ଦ୍ର ଦେବ ସ୍କୁଲ ସଭାପତି ଭାବେ ମାଡ୍ରାସ ଶିକ୍ଷା ବିଭାଗକୁ ସ୍କୁଲର ସରକାରୀ ମଞ୍ଜୁରୀ ପାଇଁ ଦରଖାସ୍ତ ସମେତ ତତ୍କାଳୀନ ଜିଲ୍ଲା ଶିକ୍ଷାଧିକାରୀ ସନାତନ ପଣ୍ଡା ଦେଇଥିବା ତଦନ୍ତ ରିପୋର୍ଟ, ୨୦୧୪ ରେ ତତ୍କାଳୀନ ଥାନା ଆଇଆଇସି ସୁରେଶ ତ୍ରିପାଠୀ ଏବଂ ତତ୍କାଳୀନ ତହସିଲଦାର ରଞ୍ଜିତ ପରିଡାଙ୍କ ମିଳିତ ତଦନ୍ତ ରିପୋର୍ଟ ବ୍ରହ୍ମପୁର କୋର୍ଟରେ ଦାଖଲ କରାଯାଇଥିଲା । କୋର୍ଟ ଏହାକୁ ଗ୍ରହଣ ନକରି ସ୍କୁଲ କୋଠା ଉଚ୍ଛେଦ ବିରୋଧରେ ମାମଲାକୁ ଖାରଜ କରିଦେଇଛନ୍ତି । କୋର୍ଟଙ୍କ ଏହି ରାୟ ବିରୋଧରେ ଉଚ୍ଚ ଅଦାଲତରେ ଅପିଲ କରାଯିବାକୁ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି । ଏହି ମାମଲାରେ ତତ୍କାଳୀନ ଜିଲ୍ଲାପାଳ ଏବଂ ସ୍ଥାନୀୟ ତହସିଲଦାରଙ୍କୁ ପକ୍ଷ କରାଯାଇନଥିବାରୁ ଏହି ରାୟର ବୈଧତା ନାହିଁ ବୋଲି ବିଦ୍ୟାଳୟ ସୁରକ୍ଷା ପରିଷଦ ଦର୍ଶାଇଛି । ତେଣୁ ବିଦ୍ୟାଳୟର ଇଞ୍ଚେ ମଧ୍ୟ ଜମି କାହାରି ଦଖଲକୁ ଛଡାଯିବ ନାହିଁ । ବିଦ୍ୟାଳୟର କୋଠା ଓ ଭୂସମ୍ପତ୍ତି ର ସୁରକ୍ଷା ପାଇଁ ଆଇନଗତ ଲଢେଇକୁ ତ୍ୱରାନ୍ୱିତ କରାଯିବା ନେଇ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି ।



### ବର୍ଷାଦିନ କଟକଣାକୁ ମାନୁନାହାନ୍ତି ବିଭାଗ, ଠିକାଦାର

# ଜେସିବି ଆଲୁଅରେ ଚାଲିଛି ନାଳ କାମ

ପାରଳାଖେମୁଣ୍ଡି, ୨୫ା୭ (ସମିସ)



ଗଜପତି ଜିଲ୍ଲାରେ ସରକାରୀ ନିୟମ ଅନୁସାରେ ଧରା ଶ୍ରାବଣକୁ ଲକ୍ଷ୍ୟ କରି ଜୁନ୍ ୧୫ରୁ ରାସ୍ତା, ନାଳ ଭଳି ନିର୍ମାଣ କାମ ନ କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏଠାରେ ମାନୁନାହାନ୍ତି କିଛି ବିଭାଗ ଓ ଠିକାଦାର। ଏହାର ଉଦାହରଣ ଅନେକ ରହିଥିଲେ ମଧ୍ୟ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ସଙ୍କୁରୀ ବନ୍ଧରେ ଦେଖିବାକୁ ମିଳିଛି। ଏଠାରେ ପ୍ରବଳ ବର୍ଷା ବେଳେ ନାଳ କାମ ଜାରି ରହିଛି। କେବଳ ବର୍ଷା ନୁହେଁ ତାହା ସହ ଅନ୍ଧାର ରାତିରେ ଜେସିବି ଆଲୋକରେ କଂକ୍ରିଟ ପକାଯାଇଛି। ଏହି କାମ ପୂର୍ତ୍ତ ବିଭାଗ କରୁଥିବା ବେଳେ କେବଳ ସରକାରଙ୍କ ନିୟମ ନୁହେଁ ନିର୍ମାଣ କାର୍ଯ୍ୟର ପରିବେଶକୁ ମଧ୍ୟ ଦୃଷ୍ଟିରେ ନରଖି ନିମ୍ନମାନର ନିର୍ମାଣ କାମ କରାଯାଉଥିବା ଅଭିଯୋଗ ହେଉଛି। ସଙ୍କୁରୀ ବନ୍ଧ ପାର୍ଶ୍ୱରେ ବିନା ସୁରକ୍ଷା ପାଚେରୀ ନିର୍ମାଣ କରି ପାରିପାର୍ଶ୍ୱରେ ମାଟି ରହିଥିବା ବେଳେ ଠିକାଦାର କଂକ୍ରିଟ୍ ଢାଳିଛନ୍ତି ନାଳରେ। ନିର୍ମାଣ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କି ପ୍ରକାରର ନିର୍ମାଣ କାର୍ଯ୍ୟ, ଏହାର ଆରମ୍ଭ ଓ ଶେଷ ତାରିଖ, ଠିକାଦାର କିଏ, ତାହାର କୌଣସି ସୂଚନା ଫଳକ ନଥିବା ବେଳେ ଏହାର ତଦାରଖ ପାଇଁ ବିଭାଗୀୟ ଯନ୍ତ୍ରୀ କି ଅଧିକାରୀ ସେଠାରେ କେହି ନଥିବା ଦେଖାଯାଇଛି। ତରବରିଆ ଭାବେ ପରିବେଶ ପରିସ୍ଥିତି ନିର୍ମାଣ ପାଇଁ ଅନୁକୂଳ ନଥିବା ସମୟରେ କାହିଁକି ଏହି ନିର୍ମାଣ କାର୍ଯ୍ୟ କରାଯାଉଛି ଏବଂ ଏଥିପାଇଁ ଦାୟୀ କିଏ ତାହା ପ୍ରଶ୍ନ ହୋଇଛି।

# ଟ୍ରାକ୍ଟର ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ପାରଳାଖେମୁଣ୍ଡି, ୨୫ା୭ (ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପାର୍ଶମ୍ବା ଗ୍ରାମ ନିକଟରେ ଦୁର୍ଘଟଣାରେ ଟ୍ରାକ୍ଟରଚାଳକଙ୍କ ମୃତ୍ୟୁହୋଇଛି। ବୁଧବାର ସନ୍ଧ୍ୟାରେ ଗୁମ୍ମାରୁ ପାରଳାଖେମୁଣ୍ଡି ପଟକୁ ଏକ ଟ୍ରାକ୍ଟର ଆସୁଥିବା ବେଳେ ରାସ୍ତା ପାର୍ଶ୍ୱ ଗଛରେ ପିଟିହୋଇ ଓଲଟି ପଡ଼ିଥିଲା। ସେଠାରେ ଟ୍ରାକ୍ଟର ଚାଳକ ଆହତ ହୋଇ ପଡ଼ି ରହିଥିଲେ। ପରେ ଉକ୍ତ ଚାଳକଙ୍କୁ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର କିଛି କର୍ମଚାରୀଙ୍କ ସହଯୋଗରେ ଉଦ୍ଧାର କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ସନ୍ଧ୍ୟା ୬ଟା ୪୫ରେ ଭର୍ତ୍ତି କରାଯାଇଥିଲା। ହେଲେ ଦୁର୍ଘଟଣା କଥାକୁ ଲୁଚାଇ ଛାତିରେ ଯନ୍ତ୍ରଣା ହେଉଥିବା ଦର୍ଶାଇ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଠିକଣା ବାବଦକୁ କିଶୋର ଦାସ(୪୦) ପିତା ରାକେଶ

■ ହତ୍ୟା ନା ଦୁର୍ଘଟଣା ତଦନ୍ତ କରୁଛି ପୁଲିସ

ଦାସ, ଅରବିନ୍ଦ ନଗର, ଗଜପତି ବୋଲି ପଞ୍ଜୀକୃତ ହୋଇଥିଲା। କିନ୍ତୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ ଏମକେସିଜିରେ ପହଞ୍ଚିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ମୃତ୍ୟୁ ନେଇ ପୁଲିସକୁ ସୂଚନା ଦିଆନଯିବା ଓ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ରାତି ଅଧିଆ ଉଭାନ କରିଦିଆଯିବା ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। କିନ୍ତୁ ଗୁରୁବାର ପାରଳାଖେମୁଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି ଏବଂ ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଅନେକ ଅବୁଝା ଓ ଅଜଣା ପ୍ରଶ୍ନ ସୃଷ୍ଟି କରୁଥିବାରୁ ଠିକା ସଂସ୍ଥା ସମ୍ପର୍କରେ ପୁଲିସ ତଦନ୍ତ କରୁଥିବା ଜଣାଯାଇଛି।

# ଜିଲ୍ଲାରେ ବୁଲୁଛି ନକଲି ୫ଶହ ଟଙ୍କିଆ ନୋଟ

ଜି.ଉଦୟଗିରି, ୨୫ା୭ (ସମିସ): କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ନକଲି ୫ଶହ ଟଙ୍କିଆ ନୋଟ୍ କାରବାର ହେଉଥିବା ଚର୍ଚ୍ଚା ପରେ ସମସ୍ତେ ହୋଇଛନ୍ତି ସତର୍କ। ବିଶେଷ କରି ବ୍ୟବସାୟୀ ଏଥିଯୋଗୁଁ ବିଶେଷ ପ୍ରଭାବିତ ହେଉଥିବା ଯୋଗୁଁ ସତର୍କ ରହିବାକୁ କହିଛି ଜି.ଉଦୟଗିରି ବ୍ୟବସାୟୀ ସଂଘ। ଜି.ଉଦୟଗିରି ସହରରେ ନକଲି ନୋଟ୍ ଭୟ ରହିଥିବା ବେଳେ କିଭଳି ଅସଲି ନକଲି ଜାଣିବେ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅସଲି ନକଲି ମଧ୍ୟରେ ବିଶେଷ କିଛି ଫରକ ଜଣା ପଡୁନଥିବା ଯୋଗୁଁ ଛୋଟ ବ୍ୟବସାୟୀ କିଭଳି ପ୍ରଭାବିତ ନହେବେ ତାହାକୁ ନେଇ ବ୍ୟବସାୟୀ ସଂଘ ସଭାପତି ସମୀର ପାଢ଼ୀ ସତର୍କ ରହିବାକୁ କହିଛନ୍ତି। ପାଞ୍ଚଶହ ଟଙ୍କିଆ ନୋଟ ରଖିଲା ବେଳେ ଯାଞ୍ଚ କରି ଦେଖି ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ବ୍ୟବସାୟୀ ଅସଲି ନୋଟ ଚିହ୍ନିବା ପାଇଁ କୌଣସି ସାଧନ ନଥିବା ବେଳେ ପାଞ୍ଚ ଶହ ଟଙ୍କିଆ ନୋଟ ନେଇ ଭୟ ସୃଷ୍ଟି ହୋଇଛି।

**ସତର୍କ ରହିବାକୁ ବ୍ୟବସାୟୀ ସଂଘର ପରାମର୍ଶ**

# ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ଗଜପତି ଜିଲ୍ଲା ପୁରସ୍କୃତ



ପାରଳାଖେମୁଣ୍ଡି, ୨୫ା୭ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ଗଜପତି ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧୀ ସ୍ମୃତି ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଯସ୍ମିନ ବରାଡ଼ ରାଜ୍ୟସ୍ତରୀୟ ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷେତ୍ର ଦିବସ ପାଳନ ନିମନ୍ତେ ଆୟୋଜିତ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବା ସହ କବିତା ଆବୃତ୍ତିରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ବିଷୟ ଜଣାପଡ଼ିବା ପରେ ଛାତ୍ରୀଙ୍କୁ ପ୍ରଶଂସା କରାଯାଇଥିବା ବେଳେ ତାଙ୍କର ଏପରି ସଫଳତା ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଥିଲା।

# ବିଜ୍ଞାନ କଲେଜରେ ନବ ପଲ୍ଲବ ଉତ୍ସବ

ବେଲଗୁଣ୍ଠା, ୨୫ା୭ (ସମିସ): ସ୍ଥାନୀୟ କ୍ଷେତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ପାଇଁ 'ନବ ପଲ୍ଲବ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାଂସ୍କୃତିକ ପରିଷଦର ଉପସଭାପତି ଦେବେଶ ଚନ୍ଦ୍ର ମହାପାତ୍ର ସଂଯୋଜନା କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ସାଂସ୍କୃତିକ ପରିଷଦର ସହ-ଉପସଭାପତି ସୁଶାନ୍ତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପିକା ରୁନିବାଳା ତ୍ରିପାଠୀ, ଅଧାପକ ତ୍ରିନାଥ ବେହେରା, ପ୍ରଦୀପ ଦିଗାଲ, ସୌମେନ୍ଦୁ ପଣ୍ଡା, ଭାରତୀ ବିଶ୍ୱାଳ, ଜୟଶ୍ରୀ ସେଠି, ଗାଙ୍ଗୁଲି ପାଲଟାସିଂ, ଦୀପକ ରାଓ, ଆଶୁତୋଷ ପ୍ରଧାନ, କିରନ କହଁର, ସୁନିତା ଦଳବେହେରା, ସ୍ୱରୂପାରାଣୀ ବିଶ୍ୱାଳ, ବିକ୍ରମ କେଶରୀ ରାଉତ, ମନୋଜ କହଁର, ଅର୍କଧ୍ୱଜ ପଣ୍ଡା, ଜଗତ ରଞ୍ଜନ ବିଶ୍ୱାଳ, ଭବାନୀ ଶଙ୍କର ରା, ପଦ୍ମ ଚରଣ ନାୟକ, ବଳରାମ ଗୌଡ଼, ମହେଶ୍ୱର ଗୌଡ଼, ରମେଶ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ।




# ଜିଲ୍ଲାସ୍ତରୀୟ ଏଚ୍‌ଆଇଭି ଏଡ୍‌ସ କୁଇଜ୍ ପ୍ରତିଯୋଗିତା



ଗୋଷାଣି, ୨୫ା୭ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡା ସ୍ଥିତ ସରକାରୀ ଟି.ଏମ ହାଇସ୍କୁଲରେ ଏଚ୍‌ଆଇଭି-ଏଡସକୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ୧୪ବିଦ୍ୟାଳୟର ୨୮ଜଣ ଛାତ୍ରଛାତ୍ରୀ, ୧୪ଜଣ ଜୁନିଅର୍ ରେଡ୍‌କ୍ରସ କାଉନସିଲର, ଜିଲ୍ଲା ନୋଡାଲ ଅଫିସର(ଏଚଆଇଭି) ଡା. ରବିନାରାୟଣ ଦାସ, ଆଇସିଟିସି ସୁପରଭାଇଜର ଶକ୍ତି ପ୍ରସାଦ ପଟ୍ଟନାୟକ, ଜୁନିଅର୍ ରେଡ଼କ୍ରସ କର୍ମକର୍ତ୍ତା ସଞ୍ଜୀବ କୁମାର ଦାସ, ମୁକ୍ତିକାନ୍ତ ମଲ୍ଲିକ, ନୀତେଶ ଲେଙ୍କା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୱାଇ. ଧର୍ମାରାଓଙ୍କ ସମେତ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରେ ପରେ ଏଚ୍‌ଆଇଭି-ଏଡ୍‌ସ ଏବଂ ସଡ଼କ ସୁରକ୍ଷାକୁ ନେଇ ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ସାତମାଇଲ ଗ୍ରାମ ଛକ ପର୍ଯ୍ୟନ୍ତ ଯାଇଥିଲା।

■ ପ୍ରଶାସନର ନିର୍ଦ୍ଦେଶକୁ ବେଖାତିର

# ଦୋକାନୀଙ୍କ କବ୍‌ଜାରେ ପୋଲସରା ମୁଖ୍ୟରାସ୍ତା



ପୋଲସରା, ୨୫ା୭ (ସମିସ): ପୋଲସରା ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ଫଳରେ ଲୋକେ ହନ୍ତସନ୍ତ ହେଉଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସହରର ମୁଖ୍ୟରାସ୍ତା କହିବାକୁ ଗଲେ ରାଣୀପଡ଼ା ଛକ ଠାରୁ ବ୍ଲକ ଛକ। ଦୈନିକ ଶହ ଶହ ଗାଡ଼ି ମୋଟର ଓ ବଡ଼ ଭାରୀଯାନ ମଧ୍ୟ ଏହି ରାସ୍ତା ଦେଇ ଜିଲ୍ଲା ଓ ରାଜ୍ୟର ଅନେକ ସ୍ଥାନକୁ ଯାତାୟାତ କରୁଛି। ମୁଖ୍ୟତଃ ଭୁବନେଶ୍ୱର, ବ୍ରହ୍ମପୁର ଓ ବୁଗୁଡ଼ା ଭଳି ଅନେକ ସ୍ଥାନକୁ ବହୁ ସଂଖ୍ୟାରେ ଦୈନିକ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। କିନ୍ତୁ ବିଡ଼ମ୍ବନାର ବିଷୟ, ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କିଛି ଉଠା ଦୋକାନୀ ଓ ସ୍ଥାୟୀ ବ୍ୟବସାୟୀ ନିଜ ନିଜର ସ୍ୱାର୍ଥ ପାଇଁ ମୁଖ୍ୟ ରାସ୍ତାରୁ ପ୍ରାୟ ୫ ଫୁଟରୁ ଅଧିକ ଜାଗା ଏପରକି ଉଭୟ ପଟର ଡ୍ରେନକୁ ମଧ୍ୟ କବ୍ଜା କରି ବସିଛନ୍ତି। ବଳକା ରାସ୍ତାରେ ସହରର ପ୍ରବେଶ ଠାରୁ ଆରମ୍ଭ କରି ବେଲଗାଁ ଛକ ପର୍ଯ୍ୟନ୍ତ ବୁଲା ଗୋରୁଙ୍କ ରହଣି ସ୍ଥଳ ପାଲଟିଛି। ଫଳରେ ଗାଡ଼ି ମୋଟର ଯାତାୟାତରେ ସମସ୍ୟା ଉପୁଜୁଛି। ଏପରିକି ଜରୁରିକାଳୀନ ସ୍ଥିତିରେ ଆମ୍ବୁଲାନ୍ସ ଓ ପୁଲିସ ଗାଡ଼ି ଯିବା ମଧ୍ୟ କଷ୍ଟ ହେଉଛି।

ଏନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ପୋଲସରା ପୌର କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନି। କିଛି ଦିନ ତଳେ ପୌରପରିଷଦରେ ଯୋଗ ଦେଇଥିବା ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ଯଦିବି କିଛି ଜବର ଦଖଲ ଉଚ୍ଛେଦ କାମ ଆରମ୍ଭ ହୋଇଥିଲା ଓ କିଛି ଦୋକାନୀଙ୍କ ଠାରୁ ଫାଇନ ମଧ୍ୟ ଆଦାୟ ହୋଇଥିଲା କିନ୍ତୁ ତାହା କେବଳ ଲୋକଦେଖାଣିଆ। ଅଧିକାରୀଙ୍କ ନିର୍ଦ୍ଦେଶ ଓ ଫାଇନ୍ ଭୟରେ କିଛି ବେପାରୀ ମୁଖ୍ୟ ରାସ୍ତାରୁ ହଟିଯାଇଥିଲେ। ହେଲେ ବର୍ତ୍ତମାନ ଆଉ ସେହି ସ୍ଥିତି ନାହିଁ। ଯଦି ସ୍ଥାନୀୟ ପ୍ରଶାସନ ଓ ରାଜନେତାଙ୍କ ପ୍ରଚେଷ୍ଟାରେ ପୁଣି ଥରେ ଜବରଦଖଲ ପ୍ରକ୍ରିୟା ଆରମ୍ଭ ହୋଇ ମୋଟା ଅଙ୍କର ଫାଇନ୍ ଆଦାୟ କରାଯିବ ତେବେ ସହରବାସୀ ଉପକୃତ ହେବେ। ଏନେଇ ପୋଲସରା ପୌର ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା କହିଛନ୍ତି, ପୂର୍ବରୁ ଉଚ୍ଛେଦ କାମ ହୋଇଛି ଏବଂ ନିୟମ ଖିଲାପକାରୀଙ୍କ ଠାରୁ ଜରିମାନା ମଧ୍ୟ ଆଦାୟ ହୋଇଛି। ପୁନର୍ବାର ଯେଉଁମାନେ ରାସ୍ତା ଜବରଦଖଲ କରିଛନ୍ତି ସେମାନଙ୍କୁ ହଟାଯିବା ସହ ଜରିମାନା ଆଦାୟ କରାଯିବ।

# ପୋଡ଼ାମାରୀ କଲେଜରେ ଇଣ୍ଡକ୍ସନ କାର୍ଯ୍ୟକ୍ରମ

ସାନଖେମୁଣ୍ଡି, ୨୫ା୭ (ସମିସ): ସାନଖେମୁଣ୍ଡି ବ୍ଲକ ପୋଡାମାରୀ ଉଚ୍ଚ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକାଦଶ ଶ୍ରେଣୀର ନବାଗତ ଛାତ୍ରୀଙ୍କ ଉଦେଶ୍ୟରେ ଇଣ୍ଡକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଇ. ପ୍ରଦୀପ କୁମାର ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଇଂରାଜୀ ଅଧ୍ୟାପକ ଦୁର୍ଯ୍ୟୋଧନ ଜେନା ସଂଯୋଜନା କରିଥିଲେ। ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଉପସ୍ଥିତ ରହି ବିଦ୍ୟାଳୟର ନୀତି, ନିୟମ, ଶୃଙ୍ଖଳା ସମ୍ପର୍କରେ ନବାଗତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଆଭ୍ୟନ୍ତରିଣ ଅଭିଯୋଗ କମିଟିର ନୋଡାଲ ଅଫିସର ରଞ୍ଜିତା ପ୍ରଧାନ ଛାତ୍ରୀଙ୍କୁ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଚନ୍ଦ୍ରଗିରି ହାଇସ୍କୁଲ ହିନ୍ଦୀ ଶିକ୍ଷକ ନିଲମ୍ବିତ

ପାରଳାଖେମୁଣ୍ଡି, ୨୫ା୭ (ସମିସ): ମୋହନା ବ୍ଲକ ଚନ୍ଦ୍ରଗିରି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସରୋଜ କୁମାର ଭୂୟାଁଙ୍କୁ ନିଲମ୍ବନ କରିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଉପସ୍ଥାନ କରିବାକୁ ନିର୍ଦ୍ଦେଶ ରହିଛି। ଜଣେ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା କାରଣରୁ ତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ଶିକ୍ଷୟିତ୍ରୀ ଜଣକ ଶିକ୍ଷା ବିଭାଗରେ ଅଭିଯୋଗ କରିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ତ୍ୱରିତ ପଦକ୍ଷେପ ସ୍ୱରୂପ ନିଲମ୍ବନ କରିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

କବିସୂର୍ଯ୍ୟନଗର, ୨୫ା୭ (ସମିସ): କବିସୂର୍ଯ୍ୟନଗର ବୁଢ଼ାମ୍ବ ଚାମ୍ପେଇତପୁର ରାସ୍ତା ନିକଟରେ ରହୁଥିବା ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଲକ୍ଷ୍ମୀ ରଥ। ଗୁରୁବାର ମୃତକଙ୍କ ଶାଶୁଙ୍କ ଦ୍ୱାଦଶାହ ଦିବସ ଥିଲା। ବହୁ ଜ୍ଞାତିକୁଟୁମ୍ବ ଏକାଠି ହୋଇଥିଲେ। ବାର ଦିନ ପର୍ଯ୍ୟନ୍ତ ରୀତିନୀତି ଅନୁସାରେ ଭୋଜିଭାତ ଚାଲିଥିଲା। କିନ୍ତୁ ହଠାତ ଶୁକ୍ରବାର ପୂର୍ବାହ୍ନରେ ରାଜଲକ୍ଷ୍ମୀଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସ୍ୱାମୀ ବୈରାଗୀ ପୋଲସରା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସ୍ୱାମୀ ବୈରାଗୀ ତାଙ୍କ ସ୍ତ୍ରୀ ବିଷ ପିଇ ମୃତ୍ୟୁବରଣ କରିଛି ବୋଲି ପୁଲିସ ଆଗରେ କହିଥିବା ବେଳେ ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି। କବିସୂର୍ଯ୍ୟନଗର ଆଇଆଇସି ନିରଞ୍ଜନ ଦାସ ଘଟଣାର ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ ବୈରାଗୀଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ରାଜଲକ୍ଷ୍ମୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପାରିବାରିକ କଳହରୁ ଏଭଳି ଘଟିଥାଇପାରେ ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି।

# ରକ୍ଷଣାବେକ୍ଷଣ ଅଭାବ; ନଷ୍ଟ ହେଉଛି ଇନ୍‌ଡୋର୍ ଷ୍ଟାଡିୟମ୍

ଜି.ଉଦୟଗିରି, ୨୫ା୭ (ସମିସ): ଜି.ଉଦୟଗିରିରେ ଗତବର୍ଷ ଫେବୃଆରୀ ୨୩ ତାରିଖ ଦିନ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍ ଉଦଘାଟିତ ହୋଇଥିଲା। ଏଠାରେ କ୍ରୀଡ଼ାପ୍ରେମୀ ତଥା ସ୍ଥାନୀୟ ଜନସାଧାରଣ ଭାରୋତ୍ତୋଳନ, ଯୋଗ ଅଭ୍ୟାସ ସହିତ ବିନା ବାଧାରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେଉଥିଲା। ହେଲେ ରକ୍ଷଣାବେକ୍ଷଣର ଅଭାବରୁ ଷ୍ଟାଡିୟମ୍‌ର ମୁଖ୍ୟ ଦ୍ୱାରା ପାଖରେ ବର୍ଷା ହେଲେ ଛାତରୁ ପାଣି ପଡୁଛି। ପୁଣି ଭିତରେ ହୋଇଥିବା ସିଲିଂ ଭାଙ୍ଗି ନଷ୍ଟ ହୋଇଗଲାଣି। ସିଲିଂରୁ ପାଣି ଷ୍ଟାଡିୟମ୍ ଭିତରକୁ ପ୍ରବେଶ କରୁଛି। ଦିନ ବେଳେ କାର୍ଯ୍ୟରତ କର୍ମଚାରୀ ୱାଇପରରେ ପାଣି ନିଷ୍କାସନ କରୁଛନ୍ତି। କିନ୍ତୁ ରାତିରେ ବର୍ଷା ହେଲେ ପାଣି ଷ୍ଟାଡିୟମ୍ ଭିତରେ ପଶୁଛି। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ହଲରେ ବହୁ ଲାଇଟ୍ ଜଳୁନାହିଁ। ପୁଣି ବ୍ୟାୟାମ କୋଠରୀରେ ୬ ଏସି ଲଗାଯାଇଛି, କିନ୍ତୁ ଏହା କାମ କରୁନାହିଁ। ଏନେଇ କ୍ରୀଡ଼ାପ୍ରେମୀ କ୍ଷୋଭ ପ୍ରକାଶ କରିଛନ୍ତି। ରାତିରେ ଷ୍ଟାଡିୟମ୍ ପରିସରରେ ଲଗାଯାଇଥିବା ଲାଇଟ ଜଳୁ ନାହିଁ। ଏପରି ଦୟନୀୟ ଅବସ୍ଥାରେ ରହିଛି ଇନ୍‌ଡୋର ଷ୍ଟାଡିୟମ୍। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଥିଯୋଗୁଁ ଦିନକୁ ଦିନ ନଷ୍ଟ ହେବାକୁ ବସିଛି। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି।

# ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି, ୨୫ା୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀ ଦାଶ ୧୧ ମାସ ୧୫ ଦିନ ଧରି ଗଜପତି ଜିଲ୍ଲାପାଳ ରହି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହାନେଗା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପୃଥ୍ୱୀରାଜ ମଣ୍ଡଳ ମଞ୍ଚାସୀନ ଥିଲେ। ଏହି ସଭାରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।




### ସରକାରୀ ସୁବିଧାରୁ ବଞ୍ଚିତ ଅସହାୟ ପରିବାର

# ମା ରୋଗିଣା, ଝିଅ ଦିବ୍ୟାଙ୍ଗ; ମିଳୁନି ଭତ୍ତା କି ରାସନ

ଫିରିଙ୍ଗିଆ, ୨୫ା୭ (ସମିସ)

ଫିରିଙ୍ଗିଆ ବ୍ଲକ ସୁମେରୁବନ୍ଧ ପଞ୍ଚାୟତ ଡମାଙ୍ଗପଦର ଗାଁରେ ଭିନ୍ନକ୍ଷମ ଅମୂଲ୍ୟା ଦିଗାଲ ଅଭାବ ଅସୁବିଧା ମଧ୍ୟରେ ଅସହାୟ ଜୀବନ ଜୀଉଁଛନ୍ତି। ଅମୂଲ୍ୟାଙ୍କ ବାପା ମନୋରଞ୍ଜନ ଦିଗାଲ ମା' ତପି ଦିଗାଲଙ୍କୁ ଛାଡ଼ି ୧୦ବର୍ଷ ପୂର୍ବେ କେଉଁଆଡ଼େ ଚାଲି ଯାଇଛନ୍ତି। ମା' ତପି ବର୍ତ୍ତମାନ ରୋଗୀଣା ଓ ଅସହାୟ ଅବସ୍ଥାରେ ଠିକ୍‌ରେ ଚାଲି ବି ପାରୁନାହାନ୍ତି। ତପି ନିଜର ୧୯ ବର୍ଷର ଭିନ୍ନକ୍ଷମ ଝିଅ ଅମୂଲ୍ୟା ଏବଂ ୧୨ ବର୍ଷର ସାନ ପୁଅକୁ ଧରି ବହୁ କଷ୍ଟରେ ଚଳୁଛନ୍ତି। ଅମୂଲ୍ୟା ଛୋଟ ବେଳେ ଭଲ ଥିଲେ। ୨ରୁ ୩ ବର୍ଷ ବୟସରେ ଆଖି ଖରାପ ହେବାରୁ ପରିବାର ଲୋକେ ବିଭିନ୍ନ ଡାକ୍ତରଖାନାରେ ଦେଖାଇଥିଲେ ମଧ୍ୟ ଆଉ ଭଲ ହେଲା ନାହିଁ। ଆଖି ୨ଟି ନଷ୍ଟ ହୋଇଗଲା।



ବର୍ତ୍ତମାନ ୧୯ ବର୍ଷ ହୋଇଥିଲେ ମଧ୍ୟ ଅମୂଲ୍ୟାକୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିପାରି ନ ଥିବାରୁ ସରକାରଙ୍କ କୌଣସି ସୁବିଧା ମିଳୁନାହିଁ। କେବଳ ମା' ତପି ଦିଗାଲଙ୍କୁ ସରକାରଙ୍କ ତରଫରୁ ୫ କିଲୋ ଚାଉଳ ମିଳୁଛି। କିନ୍ତୁ ଭିନ୍ନକ୍ଷମ ଝିଅ କିମ୍ବା ପୁଅକୁ ଚାଉଳ ମିଳୁ ନାହିଁ। ଅସହାୟ ଓ ଅଶିକ୍ଷିତ ହୋଇଥିବାରୁ ପୁଅ-ଝିଅର କୌଣସି କାଗଜପତ୍ର ମଧ୍ୟ ହୋଇ ପାରିନାହିଁ। ପୂର୍ବରୁ ୩୫ ହଜାର ଟଙ୍କାର ଆବାସ ଗୃହ ମନୋରଞ୍ଜନଙ୍କ ନାମରେ ଆସିଥିବା ବେଳେ ବର୍ତ୍ତମାନ ଭଙ୍ଗା ଘରେ ଅସହାୟ ଅବସ୍ଥାରେ ରହିଛି। କୌଣସି ରୋଜଗାର ନଥିବାରୁ ୧୨ ବର୍ଷର ପୁଅ ମୂଲ ଲାଗି ପରିବାର ଚଳାଉଛି। ସମସ୍ୟା ପ୍ରତି ଦୃଷ୍ଟି ଦେଇ ଭିନ୍ନକ୍ଷମ ଭତ୍ତା, ଚାଉଳ ଓ ରହିବାକୁ ଆବାସ ଗୃହ ଯୋଗାଇ ଦେବାକୁ ଅସହାୟ ପରିବାର ଦାବି କରିଛନ୍ତି। ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀଲ କୁମାର ପାତ୍ରଙ୍କୁ ଏସମ୍ପର୍କରେ ପଚାରିବାରୁ ତୁରନ୍ତ ସମସ୍ତ ବ୍ୟବସ୍ଥା କିଭଳି ହୋଇପାରିବ ଚେଷ୍ଟା କରାଯିବ ବୋଲି କହିଛନ୍ତି।

# ପାଗ ବଦଳିଲେ ଏମ୍‌କେସିଜି ଡାକ୍ତରଖାନାରୁ ଖସୁଛି ସିଲିଂ

## କେତେ ସୁରକ୍ଷିତ ରୋଗୀ ଓ କର୍ମଚାରୀ? ନିମ୍ନମାନର କାମ ନେଇ ଉଠିଲା ପ୍ରଶ୍ନ; ସ୍ଥାୟୀ ପ୍ରତିକାର ଦାବି

ବ୍ରହ୍ମପୁର,୨୫।୭(ସମିସ)

ଏମ୍‌କେସିଜି ମେଡିକାଲ କ୍ୟାମ୍ପସରେ ନବନିର୍ମିତ ଅତ୍ୟାଧୁନିକ ସୁପର୍‌ସ୍ପେସାଲିଟି ବ୍ଲକ୍‌ରୁ ପୁଣି ଥରେ ସିଲିଂ ଖସିଛି। ଶୁକ୍ରବାର ସକାଳେ ବ୍ଲକର ୪ର୍ଥ ମହଲାରେ ବଡ଼ ବଡ଼ ସିଲିଂ ଖଣ୍ଡ ଖସିଥିଲା। ଦେଢ ବର୍ଷର ବ୍ୟବଧାନ ପରେ ପୁଣି ଥରେ ଏଭଳି ଘଟଣା ନଜରକୁ ଆସିଛି। ଘଟଣା ସମୟରେ ସେଠାରେ କୌଣସି ରୋଗୀ ନଥିବାରୁ ବଡ଼ ଅଘଟଣ ଟଳି ଯାଇଛି। ବାରମ୍ବାର ସିଲିଂ ଖସୁଥିଲେ ମଧ୍ୟ ଏହାର ସମାଧାନର ବାଟ ବାହାରି ପାରୁନାହିଁ। ଏହି କୋଠାରେ ବିଭିନ୍ନ ମହଲାରେ ଥିବା ବିଭାଗ ଗୁଡିକରେ ରୋଗୀ ଚିକିତ୍ସିତ ହେବାକୁ ଏବଂ ଏଠାରେ ନିୟୋଜିତ ରହୁଥିବା କର୍ମଚାରୀ ମଧ୍ୟ କେତେବେଳେ କିଛି ଦୁର୍ଘଟଣାର ଆଶଙ୍କା କରି ଭୟ କରୁଛନ୍ତି। ସେପଟେ ମେଘୁଆ ପାଗ ଅଥବା ଲଗାଣ ବର୍ଷା ହେଲେ ଏଭଳି ଘଟଣା ଘଟୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କୋଠାର ବିଭିନ୍ନ ମହଲାରେ ପୂର୍ବରୁ ଖସି ପଡ଼ିଥିବା ସିଲିଂ ମରାମତି ଚାଲିଥିବା ବେଳେ ନିମ୍ନମାନର ନିର୍ମାଣ କାର୍ଯ୍ୟରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହୋଇଛି। ଏମକେସିଜି ମେଡିକାଲ କ୍ୟାମ୍ପସରେ ଥିବା ପିଏମଏସଏସୱାଇ କୋଠାରେ ୧୫୦କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସୁପର୍‌ସ୍ପେସାଲିଟି ବ୍ଲକ୍ ନିର୍ମାଣ ହୋଇଛି। କିନ୍ତୁ ବାରମ୍ବାର ସିଲିଂ ଖସୁଥିବାରୁ ଏହି କୋଠାରେ ଚିକିତ୍ସିତ ହେବାକୁ ରୋଗୀ ଭୟ କଲେଣି। ପୂର୍ବରୁ ଏଭଳି ଘଟଣା ଘଟିବା ପରେ ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ କରି ସମାଧାନର ପନ୍ଥା ବାହାର କରାଯାଇଥିଲା। ଦୁର୍ବଳ ରହିଥିବା ସ୍ଥାନର ମରାମତି ସହ କୋଠାର ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ମରାମତି କାର୍ଯ୍ୟ ସମ୍ପନ୍ନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୩କୋଟି ୬୭ଲକ୍ଷ ୪୨ହଜାର ୮୧୭ଟଙ୍କାର ବ୍ୟୟ ମଞ୍ଜୁରି ହୋଇଥିବା ଜଣାପଡିଛି। ପୂର୍ବରୁ ସିଲିଂରେ ଜିପସନ ବୋଡର୍ ବ୍ୟବହାର କରାଯାଇଥିବା ବେଳେ ତାହା ନଷ୍ଟ ହୋଇ ଖସୁଥିବା ବିଭାଗର ବରିଷ୍ଠ ଅଧିକାରୀମାନେ ଅନୁମାନ କରି ପ୍ରତିକାର ସ୍ୱରୁପ ଜିପସନ୍ ବୋଡର୍ ସ୍ଥାନରେ ମେଟାଲ ବୋଡର୍ ବ୍ୟବହାର କରାଯାଇଥିଲା। ତଥାପି ସିଲିଂ ଖସୁଥିବାରୁ ସମସ୍ତଙ୍କ ଚିନ୍ତା ବଢ଼ିଛି। ସେପଟେ କୋଠାର ଅନ୍ୟକିଛି ମହଲାରେ ମଧ୍ୟ ଲାଗିଥିବା ସିଲିଂ ଦୁର୍ବଳ ହୋଇଥିବା ଦେଖିବାକୁ ମିଳିଛି। ତେଣୁ ପୂର୍ତ୍ତ ବିଭାଗର ଅଧିକାରୀ ବିଭିନ୍ନ ମହଲା ଯାଞ୍ଚ କରିବାକୁ ଦାବି ହୋଇଛି।

ଅନ୍ୟପକ୍ଷରେ ସୁପର୍‌ସ୍ପେସାଲିଟି ବ୍ଲକ୍‌ରୁ ସିଲିଂ ଖସିବା ଜଣାପଡିବା ପରେ ବିଭିନ୍ନ ବିଭାଗକୁ ଅବଗତ କରାଯିବା ସହ ତୁରନ୍ତ ସମସ୍ୟାର ସମାଧାନ ପାଇଁ କୁହାଯାଇଛି। ରୋଗୀ ଓ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଥିବା ଏମକେସିଜି ମେଡ଼ିକାଲର ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ କହିଛନ୍ତି।



# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ଭଞ୍ଜନଗର,୨୫।୭(ସମିସ): ଶୁକ୍ରବାର ଅପରାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଭଞ୍ଜନଗର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ସ୍ୱାଧୀନତା ଦିବସ ପାଳନ ନେଇ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ସମସ୍ତ ସଭ୍ୟ ସଭ୍ୟାଙ୍କର ସହଯୋଗ କାମନା କରିବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଚଳିତ ବର୍ଷ ପରେଡ୍‌ରେ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ। ଏହା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ପରେଡ୍ ଅଭ୍ୟାସ ଆସନ୍ତା ୧୨ ଓ ୧୩ରେ ସ୍ଥାନୀୟ ଜେଲ ଗ୍ରାଉଣ୍ଡ ଷ୍ଟାଡିୟମରେ କରିବାକୁ ସ୍ଥିର କରାଯାଇଛି। ଏଥି ସହ ଓଡ଼ିଆ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଉପଖଣ୍ଡସ୍ତରୀୟ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ବୈଠକରେ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଡ଼ଃ ଦୀପକ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ଅବିନାଶ ମାହାର, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଭଞ୍ଜନଗର ଥାନାଧିକାରୀ ଜୀବନା ନନ୍ଦ ଜେନା, ସମେତ ସମସ୍ତ ବିଭାଗର ସରକାରୀ ଅଧିକାରୀ, ଏନ୍‌ସିସି ଅଫିସର କେଏସୟୁ ବି କଲେଜ, ବଣିକ ସଂଘର ସଭାପତି ଓ ସମ୍ପାଦକ, ଖୁଚୁରା ବ୍ୟବସାୟୀ ସଂଘର ସଭାପତି ଓ ସମ୍ପାଦକ, ମଧୁସୂଦନ ଟ୍ରଷ୍ଟର ସଭାପତି, ସମାଜ ସେବୀ ମୁରଲୀଧର ପଣ୍ଡା, ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି, ସମସ୍ତ ସାମ୍ବାଦିକ, ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୂଚନା ଲୋକ ସମ୍ପର୍କ ବିଭାଗର ପଦ୍ମ ଚରଣ ନାୟକ ଓ ତାରିଣି ସାହୁ ସହଯୋଗ କରିଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ କୁମାର ପ୍ରାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କୁ ଛୁରାମାଡ; ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୫।୭(ସମିସ): ଦିଗପହଣ୍ଡି ଜନତାଲେନ ରାସ୍ତାରେ ବୁଧବାର କାହ୍ନା ସେଠୀ ନାମକ ଯୁବକକୁ ହୋଇଥିବା ଛୁରାମାଡ ଘଟଣାରେ ସ୍ଥାନୀୟ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଦିଗପହଣ୍ଡି - ବ୍ରହ୍ମପୁର ରାସ୍ତାର ସେଣ୍ଟ ଯୋସେଫ ବିଦ୍ୟାଳୟ ନିକଟରେ ରହୁଥିବା ଅରୁଣ ସେଠୀ। ଅଭିଯୁକ୍ତ ଅରୁଣ ଏକ ମଦ୍ୟପାନ କରି ଏକ ଛୁରୀ ସାହାଯ୍ୟରେ ସେଠାରେ ଥିବା ରିକ୍ସାର ଟାୟାର କାଟୁଥିଲେ। ଏହାଦେଖି ଦିଗପହଣ୍ଡି କମାର ସାହିର କାହ୍ନା ବାରଣ କରିଥିଲେ। ଯାହାକୁ ନେଇ ଅଭିଯୁକ୍ତ ଜଣକ ଉତ୍ତେଜିତ ହୋଇ ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରିବା ସହ ଧରିଥିବା ଛୁରୀ ସାହାର୍ଯ୍ୟରେ କାହ୍ନାଙ୍କ ମୁହଁ, ପିଠି ଓ ହାତକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ଆସିବା ପରେ ଅରୁଣ ସେଠାରୁ ଲୁଚି ଯାଇଥିଲା। ଖବରପାଇ କାହ୍ନାଙ୍କ ପରିବାର ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଦିଗପହଣ୍ଡି ହସ୍ପିଟାଲ ଓ ପରେ ବ୍ରହ୍ମପୁର ବଡ଼ମେଡ଼ିକାଲ ନେଇଯାଇଥିଲେ। ଅପରପକ୍ଷରେ ପୁଲିସ ଅରୁଣକୁ ଅଟକ ରଖି ପଚରାଉଚରା ଜାରି ରଖିବା ସହ ଛୁରୀ ଜବତ କରିଥିଲା। ବୁଧବାର ବିଳମ୍ବିତ ରାତିରେ କାହ୍ନାଙ୍କ ମାଆ ସକୁନ୍ତଳା ସେଠୀ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୁଲିସ ଥାନା କେସ୍ ନଂ ୨୭୧/୨୫ ଅନୁସାରେ ମାମଲା ରୁଜୁ କରି ଗୁରୁବାର ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିଲା।



# ସମବାୟ ସଂଘ ପରିଚାଳନା ପରିଷଦ ବୈଠକ




କୁକୁଡାଖଣ୍ଡି/ଗୋପାଳପୁର,୨୫।୭(ସମିସ): ଗଞ୍ଜାମ ଜିଲ୍ଲା ସମବାୟ ସଙ୍ଘର ପରିଚାଳନା ପରିଷଦ ବୈଠକ ସଙ୍ଘ ସଭାପତି କୈଳାସ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ବେଳାଭୂମି ସମବାୟ କେନ୍ଦ୍ରର ଅଧ୍ୟକ୍ଷ ଡ଼ି କ୍ରିଷ୍ଣା ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ ସହ ଗୋଟିଏ ମଣିଷ ଗୋଟିଏ ଗଛକୁ ଆଧାର କରି ଉପସ୍ଥିତ ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକାଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ସମବାୟ ସଙ୍ଘ ଚାଷୀ ଓ ଚାଷର ମୁଖ୍ୟ ଆଧାର ହୋଇଥିବା ସ୍ଥଳେ ସରକାରଙ୍କ ପକ୍ଷରୁ ଅନ୍ୟ ବିଭାଗ ଗୁଡିକୁ ଯେପରି ଅନୁଦାନ ପ୍ରଦାନ କରାଯାଉଛି ସେହି ତୁଳନାରେ ସମବାୟ ସଂଘକୁ ଅନୁଦାନ ଆସୁନଥିବାରୁ ସମସ୍ତ ସଭ୍ୟ କ୍ଷୋଭ ପ୍ରକାଶ କରିଥିଲେ। ଗଞ୍ଜାମ ଜିଲ୍ଲା ଭିନ୍ନକ୍ଷମ ନେତା କେ ମଣିବାବୁଙ୍କୁ ସମବାୟବିତ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଏହି ବୈଠକରେ ନିର୍ଦ୍ଦେଶକ ବୃନ୍ଦାବନ ଖଟେଇ,ଏସ ଲିଙ୍ଗରାଜ, ଏମ ସଂଜୀବ ରାୟ, ଅଭୟ କୁମାର ମହାରଣା, ସୂର୍ଯ୍ୟକାନ୍ତ ପରିଡ଼ା, ରମେଶ ସ୍ୱାଇଁ, ସଚ୍ଚିଦାନନ୍ଦ ରାଉତ, ଝୁନୁ ଗୌଡ଼, ଗଣେଶ ଗୌଡ଼ଙ୍କ ସହ ନିମନ୍ତ୍ରିତ ଅତିଥି ଭାବେ କାର୍ତ୍ତିକେଶ୍ୱର ପରିଡ଼ା, ଅନିମା ପରିଡ଼ା, ଅଲେଖନାଥ ପ୍ରଧାନ ଏବଂ ସଙ୍ଘ ଉପଦେଷ୍ଟା ରାମ ମହୋନ ପାତ୍ରଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ଅଙ୍ଗଦାନ କରି ଅମର ହେଲେ ସୁରେଶ



ଆସିକା,୨୫।୭(ସମିସ): ପରିବାରର ଅଭାବ ପୂରଣ ପାଇଁ ବେଙ୍ଗାଲୁରୁ କାମ କରିବାକୁ ଯାଇଥିଲେ। ସେଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ହେଲେ ମୃତ୍ୟୁପୂର୍ବରୁ ଅଙ୍ଗଦାନ କରି ସେ ହୋଇଛନ୍ତି ଅମର। ଏଭଳି ଦୁଃଖଦ ଘଟଣା ଘଟିଛି ଆସିକା ବ୍ଲକ ବଡ଼ଖୋଲି ପଞ୍ଚାୟତ ସାନ ଖୋଲି ଗ୍ରାମରେ। ଗ୍ରାମର ଅଶୋକ ପଟ୍ଟନାୟକଙ୍କ ଦୁଇ ଯାଆଁଳା ପୁଅ ରିତେଶ ଓ ସାନ ପୁଅ ସୁରେଶ, ସ୍ତ୍ରୀଙ୍କୁ ମିଶାଇ ୪ପ୍ରାଣୀ କୁଟୁମ୍ବ। ଅଶୋକ ଦିନ ମଜୁରିଆ ଭାବେ କାମ କରନ୍ତି। ଦୁଇ ପୁଅ ବଡ଼ ହେବା ପରେ ସେମାନଙ୍କ ପାଠ ପଢ଼ା ଓ ଘର ଖର୍ଚ୍ଚ ତୁଲାଇବା ଅଶୋକଙ୍କ ପାଇଁ କଷ୍ଟକର ହୋଇପଡିଥିଲା। ଇତି ମଧ୍ୟରେ ସେ ଋଣଗ୍ରସ୍ତ ହୋଇଥିଲେ। ଶେଷରେ ଦୁଇ ପୁଅ ବାପାଙ୍କୁ ସହାୟତା ପାଇଁ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିଲେ। ବଡ଼ ପୁଅ ରିତେଶ ବମ୍ବେରେ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ସାନ ପୁଅ ସୁରେଶ ବେଙ୍ଗାଲୁରୁରେ ବି-ଲିଙ୍କ କିଟ୍ କମ୍ପାନୀରେ କାମ କରୁଥିଲେ। ବାପା ମଧ୍ୟ ସୁରଥରେ କାମ କରିବାକୁ ଯାଇଥିଲେ। ହେଲେ ଏକ ସଡ଼କ ଦୁର୍ଘଟଣାରେ ସୁରେଶ ଗୁରୁତର ହୋଇଥିଲେ। ଦୁଇ ଦୁଇଟି ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ହେବା ପରେ ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିଥିଲେ ଡାକ୍ତର। ବେଙ୍ଗାଲୁରୁର ଯେ ଏସ.କେ.ନାମକ ସ୍ୱେଚ୍ଛାସେବୀ ସଂଗଠନ ସୁରେଶଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ସାହାଯ୍ୟ କରୁଥିଲେ। ପରିବାର ଲୋକଙ୍କ ସହମତିରେ ସେଠାରେ ସୁରେଶଙ୍କ କିଡ଼ନୀ, ଲିଭର, ଲଂଗସ୍, ହାର୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଦାନ କରାହୋଇଥିଲା। ତାଙ୍କ ଲିଭରଟି ସଙ୍ଗେ ସଙ୍ଗେ ଜଣେ ଦଶ ବର୍ଷ ବାଳକ ନିକଟରେ ପ୍ରତ୍ୟାରୋପଣ ହୋଇଥିଲା। ଏଭଳି ମହାନ କାର୍ଯ୍ୟ ପାଇଁ ସୁରେଶ ଅମର ହୋଇଛନ୍ତି। ଅପରପକ୍ଷେ ଶୁକ୍ରବାର ତାଙ୍କ ମୃତଦେହ ଜନ୍ମମାଟିରେ ପହଞ୍ଚିବା ପରେ ଗାଁ ପରିବେଶ ଶୋକାକୁଳ ହୋଇଥିଲା। ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ତେବେ ଅଭାବୀ ପରିବାର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# କଂଗ୍ରେସ ପକ୍ଷରୁ ଗୋଳନ୍ଥରା ଥାନାରେ ଦାବିପତ୍ର




ରଙ୍ଗେଇଲୁଣ୍ଡା,୨୫।୭(ସମିସ): ରାହୁଲ ଗାନ୍ଧୀଙ୍କୁ ଦେଶଦୋହ୍ରୀ ଓ କଂଗ୍ରେସ ଦଳକୁ ବଳାତ୍କାରୀ ଦଳ ବୋଲି ବିବୃତି ଦେଇଥିବା ବିଜେପି ଯୁବମୋର୍ଚ୍ଚାର ଅଭିଳାଷ ପଣ୍ଡାଙ୍କୁ ଗିରଫ କରିବା ଦାବି ନେଇ ଶୁକ୍ରବାର ଗୋପାଳପୁର କଂଗ୍ରେସ ପକ୍ଷରୁ ପିସିସି ସଭ୍ୟ ଡ. ଶମ୍ଭୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗୋଳନ୍ଥରା ଥାନା ସମ୍ମୁଖରେ ବିକ୍ଷୋଭ କରିବା ସହ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ରବୀନ୍ଦ୍ର ଅଧିକାରୀ, କୃଷକ ମୋର୍ଚ୍ଚା ଆବାହକ ସାଇରାମ ପାତ୍ର, ପ୍ରଶାନ୍ତ କୁମାର ସାହୁ, ହରିକୃଷ୍ଣ ପାତ୍ର, ସନ୍ୟାସୀ ସାହୁ, ସନ୍ତୋଷ ନାହାକ, ପ୍ରଫୁଲ୍ଲ ମଣ୍ଡଳ, ସୁଦାମ ବେହେରା, ବିକ୍ରମ ପାତ୍ର, ସୁନିଲ ବେହେରା, କୃଷ୍ଣ ପ୍ରଧାନ, ରୂପେଶ ମଣ୍ଡଳ, ମୁରଲୀ ପ୍ରଧାନ, ଜିତୁ ମଣ୍ଡଳ, ନାରୀନେତ୍ରୀ ସୁନିତା ଦାସ, ଗୌରାଙ୍ଗ ବେହେରାଙ୍କ ସହ ଶତାଧିକ କର୍ମୀ ଏକ ପଟୁଆରରେ ଯାଇ ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଆଇଆଇସି ତଥା ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁଙ୍କୁ ଅଭିଳାଷ ପଣ୍ଡାଙ୍କୁ ତୁରନ୍ତ ଗିରଫ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ଥାନା ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝି, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଅଭିଳାଷ ପଣ୍ଡାଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

# ଗ୍ୟାସ ନିଆଁରେ ଜଳିଗଲେ ମହିଳା

ଦିଗପହଣ୍ଡି,୨୫।୭(ସମିସ): ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ର ବି.ଜାନକୀ ପାତ୍ର(୫୫) ଶୁକ୍ରବାର ସନ୍ଧ୍ୟାରେ ଘରେ ରୋଷେଇ କରୁଥିବା ବେଳେ ଅସାବଧାନତା କାରଣରୁ ଗ୍ୟାସ ଚୁଲା ନିଆଁରେ ଅର୍ଦ୍ଧଦଗ୍ଧ ହୋଇଥିବା ଜଣାପଡ଼ିଛି। ସନ୍ଧ୍ୟା ପ୍ରାୟ ସାଢେ ୭ ଟାରେ ଜାନକୀ ରୋଷେଇ କରୁଥିବା ବେଳେ ଗ୍ୟାସ ପାଇପ ଫାଟି ଯିବାରୁ ଜଳିଯାଇଥିଲେ। ପଡୋଶୀ ତାଙ୍କୁ ତତ୍କାଳ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

● ବିଜେଡି ରାଜ୍ୟ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍‌ର ମାଲକାନଗିରି ଗସ୍ତ

# ଗଣଦୁଷ୍କର୍ମ ପୀଡ଼ିତାକୁ ହସ୍ପିଟାଲରେ ଭେଟିଲେ



ମାଲକାନଗିରି,୨୫।୭ (ସମିସ): ବିଜେଡି ଦଳର ରାଜ୍ୟସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ଆଜି ମାଲକାନଗିରି ଗସ୍ତ କରି ଗଣଦୁଷ୍କର୍ମ ମାମଲାର ସତ୍ୟାସତ୍ୟ ଅନୁଧ୍ୟାନ କରିବା ସହ ହସ୍ପିଟାଲରେ ପୀଡ଼ିତାଙ୍କୁ ଭେଟି ଆଲୋଚନା କରିଛନ୍ତି। ମାଲକାନଗିରି ଜିଲ୍ଲାରେ ରବିବାର ଦିନ ଜଣେ ନାବାଳିକାଙ୍କ ସହ ଗଣଦୁଷ୍କର୍ମ ହୋଇଥିଲା। ବିଜୁ ଜନତା ଦଳର ବରିଷ୍ଠ ବିଜେଡି ନେତା ପୂର୍ବତନ ସାଂସଦ ରମେଶ ମାଝୀ, ପ୍ରଦୀପ ମାଝୀ ଜିଲ୍ଲା ଗସ୍ତରେ ଆସି ଗଣ ଦୁଷ୍କର୍ମ ମାମଲାର ପୀଡ଼ିତାଙ୍କୁ ହସ୍ପିଟାଲରେ ଭେଟି ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବର୍ତ୍ତମାନ ପୀଡ଼ିତାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ତାଙ୍କ ପରିବାର ସହ ମଧ୍ୟ ଆଲୋଚନା କରିଥିଲେ। ଏହି ଟିମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲ, ମାଲକାନଗିରି ପୌର ଅଧ୍ୟକ୍ଷ ମନୋଜ ବାରିକ, ଉପଧ୍ୟକ୍ଷା କବିତା ମହନ୍ତଙ୍କ ସହ ଦଳର ବରିଷ୍ଠ ନେତୃ ମଣ୍ଡଳୀ, ବିଜେଡି ଦଳର ନିର୍ବାଚିତ ଲୋକପ୍ରତିନିଧି ପ୍ରମୁଖ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିଥିଲେ ସ୍ୱାନ୍ତନା ଦେଇଛନ୍ତି। ଏହା ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଚାରି ବୁଝିବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ। ପୀଡ଼ିତାଙ୍କ ଚିକିତ୍ସା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ ତତ୍ପର ଥିବା ସହ ଉତ୍ତମ ସେବା ଯୋଗାଉ ଥିବା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବ୍ରଜବନ୍ଧୁ ଦାଶ ପ୍ରକାଶ କରିଛନ୍ତି। ତେବେ ରାଜ୍ୟରେ ନାରୀ ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର, ଦୁଷ୍କର୍ମ ଭଳି ଘଟଣାର ଅନ୍ତ ନ ଘଟିବା ଓ ପୀଡ଼ିତା ମାନଙ୍କୁ ନ୍ୟାୟ ନମିଳିବା ଯାଏଁ ବିଜୁ ଜନତା ଦଳର ଏହି ଲଢେଇ ଜାରି ରହିବ ବୋଲି ଦଳୀୟ ନେତୃ ମଣ୍ଡଳୀ ପ୍ରକାଶ କରିଥିଲେ।

# ଆତ୍ମା ଅଧ୍ୟକ୍ଷ ହେଲେ ଭାସ୍କର ପତି




ପାତ୍ରପୁର,୨୫।୭(ସମିସ): ପାତ୍ରପୁର ବ୍ଲକ୍ ଆତ୍ମା ନୂତନ ଅଧ୍ୟକ୍ଷ ଭାବେ ଭାସ୍କର ଚରଣ ପତିଙ୍କୁ ଚୟନ କରାଯାଇଛି। ଶୁକ୍ରବାର ପାତ୍ରପୁର କୃଷି ଅଧିକାରୀ ପ୍ରଣତୀ ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକ, ମତ୍ସ୍ୟ ସମ୍ପଦ ଅଧିକାରୀ ଶ୍ୱେତା ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସର୍ବସମ୍ମତିକ୍ରମେ ନୂତନ ଅଧ୍ୟକ୍ଷ ଭାବେ ଭାସ୍କର ଚରଣ ପତିଙ୍କୁ ଚୟନ କରାଯାଇଛି। ଅଧ୍ୟକ୍ଷ ଭାବେ ଚୟନ ହେବା ପରେ ଶ୍ରୀ ପତି ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ପାତ୍ରଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ କୃଷକଙ୍କ ସ୍ୱାର୍ଥ ଲାଗି ପ୍ରଶାସନକୁ ଅବଗତ କରାଇବି ବୋଲି ପ୍ରକାଶ କରିଛନ୍ତି।

# ଲଘୁଚାପ ଭୟ: ୨୯ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯିବାକୁ ବାରଣ

ଛତ୍ରପୁର,୨୫।୭(ସମିସ)



ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଅବପାତ। ଏନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଜାରି ରହିବ ବର୍ଷା। କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ପବନର ବେଗ ମଧ୍ୟ ଅଧିକ ରହିବ। ଏଥିପାଇଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଯିବାକୁ ବାରଣ କରାଯାଇଛି। ସମୁଦ୍ରକୁ ଯିବାକୁବାରଣ ରହିଥିବାରୁ ବିଶେଷ ପ୍ରଭାବ ପଡିଛି ମତ୍ସ୍ୟଜୀବିମାନଙ୍କ ଜୀବିକା ଉପରେ। ସେମାନେ ସମୁଦ୍ରକୁ ଭିତରକୁ ମାଛ ମାରିବାକୁ ଯାଇପାରୁନାହାନ୍ତି।

ଗଞ୍ଜାମ ଜିଲ୍ଲାରେ ୨୭ ଖଣ୍ଡ ମତ୍ସ୍ୟଜୀବୀ ଗାଁ ରହିଛି। ପାତି ସୋନପୁର ଠାରୁ ପ୍ରୟାଗି ପର୍ଯ୍ୟନ୍ତ। ସାନଆର୍ଯ୍ୟପଲ୍ଲୀ, ବଡଆର୍ଯ୍ୟପଲ୍ଲୀ, କଣ୍ଡରା ଆର୍ଯ୍ୟପଲ୍ଲୀ, ବନ୍ଦର, ନୋଳିଆ ନୁଆଗାଁ, ପୋଡମପେଟା, ପ୍ରୟାଗି, କଂଟିଆଗଡ ଆଦି ଅଞ୍ଚଳର ମତ୍ସ୍ୟଜୀବିମାନେ ସମୁଦ୍ର ଅଶାନ୍ତ ହେବାଯୋଗୁ ସମୁଦ୍ରକୁ ମାଛ ମାରିବାକୁ ଯାଇପାରୁନାହାନ୍ତି। ଫଳରେ ଏହି ମତ୍ସ୍ୟଜୀବୀ ମାନଙ୍କ ଜୀବିକା ଉପରେ ବିଶେଷ ପ୍ରଭାବ ପଡିଛି। ସେମାନଙ୍କ ଜୀବିକା କହିଲେ ସମୁଦ୍ରରେ ମାଛ ଧରିବା। ମାଛ ଧରି ଆଣି ବିକ୍ରି କରିଲେ ପରିବାର ଚଳେ। ତେଣୁ ସରକାର ଆମ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଏହି ସମୟରେ ସହାୟତା ଆବଶ୍ୟକ ରହିଛି ବୋଲି କିଛି ମତ୍ସ୍ୟଜୀବିମାନେ କହିଥିଲେ। ଅନ୍ୟପକ୍ଷରେ ଏସଆରସିଙ୍କ ନିର୍ଦ୍ଦେଶକ୍ରମେ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ସାଗର ମିତ୍ର ମାନଙ୍କ ଜରିଆରେ ମତ୍ସ୍ୟଜୀବୀ ମାନଙ୍କୁ ସଚେତନତା କରାଯାଉଛି। ସମୁଦ୍ର ଅଶାନ୍ତ ରହିବ ତେଣୁ ମତ୍ସ୍ୟଜୀବୀ ମାନେ ଆସନ୍ତା ୨୯ ତାରିଖ ତଥା ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ମାଛ ଧରିବାକୁ ଯିବାକୁ ବାରଣ କରିବା ସହ ଯେଉଁମାନେ ସମୁଦ୍ର ଭିତରକୁ ଯାଇଛନ୍ତି ଫେରି ଆସିବାକୁ ସାଗର ମିତ୍ର ଜରିଆରେ କୁହାଯାଇଛି। ମତ୍ସ୍ୟଜୀବୀଙ୍କୁ ସଚେତନ କରାଯାଉଛି ବୋଲି ଛତ୍ରପୁର ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ସୁବ୍ରତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଅପରପକ୍ଷେ ବାରମ୍ବାର ଲଘୁଚାପ ଆସୁଥିବାରୁ ଆମମାନଙ୍କ ପେଟପାଟଣା ଉପରେ ବିଶେଷ ପ୍ରଭାବ ପଡୁଛି। ଫଳରେ ଜୀବିକା ଉପରେ ବିଶେଷ ପ୍ରଭାବ ପଡୁଛି ବୋଲି ମତ୍ସ୍ୟଜୀବିମାନେ କହିଛନ୍ତି।

